ସମ୍ବାଦ

# ଅଭ୍ୟୁଦୟମ୍ ପକ୍ଷରୁ ରକ୍ତଦାନ ଶିବିର ପ୍ରସ୍ତୁତି



ବାଲେଶ୍ୱର, ୧୩/୯ (ଇମିସ): ସଦର ବ୍ଲକ୍ ଗେଙ୍ଗୁଟି ପଞ୍ଚାୟତ ପଳାଶପୁରରେ ଥିବା ଭୂମି, ଉଦ୍ୟାନ-ଭିତ୍ତିକ କୃଷି, ଯୁବକ ତଥା ସହରୀ ବିକାଶ ଏବଂ ଯୁବପିଢ଼ି ସଚେତନତା ପରିଚାଳନା ସଂଘ(ଅଭ୍ୟୁଦୟମ୍) ଓ ଅତ୍ୟାଧୁନିକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର 'ଏସିଟିଆଇ' ପକ୍ଷରୁ ଆସନ୍ତା ୬ ତାରିଖରେ ଏକ ରକ୍ତଦାନ ଶିବିର ସମ୍ବାଦ-ଆମ ଓଡ଼ିଶା ସହଯୋଗରେ ଅନୁଷ୍ଠିତ ହେବ। ଏନେଇ ଆଜି ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଅଭ୍ୟୁଦୟମ୍ କୋଷାଧ୍ୟକ୍ଷ ଓ ଏସିଟିଆଇ ନିର୍ଦ୍ଦେଶକ ସବ୍ୟସାଚୀ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅଭ୍ୟୁଦୟମ୍ ସଭ୍ୟ ଶୁଭ୍ରାଂଶୁ ରାଉତ, ରାକେଶ ପାତ୍ର, ସନତ ପରିଡ଼ା, ଶକ୍ତିପ୍ରସାଦ ରାଉତ, ଦେବୀପ୍ରସାଦ ରାଉତ, ଶାନ୍ତନୁ ପାତ୍ର, ଚନ୍ଦ୍ରକାନ୍ତ ଜେନା, ଅଭ୍ୟୁଦୟମ୍ ସଭାପତି ଶୁଭଜିତ୍ ମହାନ୍ତି, ସମ୍ପାଦକ ସରୋଜ କୁମାର ବେହେରା, ଆମ ଓଡ଼ିଶାର ସହଯୋଗୀ ଲକ୍ଷ୍ମୀଧର ବାରିକ ଓ ଖାନନଗର ସମ୍ବାଦ ସାଥୀ ଲୋକନାଥ ନାୟକ ଉପସ୍ଥିତ ରହି ଶିବିର ସଫଳତା ପାଇଁ ଆଲୋଚନା କରିଥିଲେ। ଏହି ଶିବିର ସକାଳ ୧୦ଟାରୁ ଆରମ୍ଭ ହେବ। ଏଥିରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗଦେଇ ରକ୍ତଦାନ କରିବା ପାଇଁ ନିବେଦନ କରାଯାଇଛି।

BALASORE Edition
Page No.22 September 14, 2024